# ସ୍ଥାୟୀ ବିକାଶରେ ସମସ୍ୟା ଏବଂ ଆହ୍ୱାନ' ସଂକ୍ରାନ୍ତ ଆଲୋଚନା



କଟକ, ୭।୨ (ନି.ପ୍ର): ନେତାଜୀ ସୁଭାଷ ସ୍ମାରକୀ ସିଟି ମହାବିଦ୍ୟାଳୟ ଅର୍ଥନୀତି ବିଭାଗ ପକ୍ଷରୁ ବାର୍ଷିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ସ୍ଥାୟୀ ବିକାଶରେ ଥିବା ସମସ୍ୟା ଏବଂ ଆହ୍ୱାନ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା । ଅଧ୍ୟକ୍ଷା ଡ. ରୀନା ଘଡ଼େଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟ ସହକାରୀ ପ୍ରଫେସର ଡ. ମନୋଜ କୁମାର ଦାସ ଯୋଗଦେଇ ସ୍ଥାୟୀ ବିକାଶର ଆବଶ୍ୟକତା ଏବଂ ଥିବା ବିଭିନ୍ନ ବାଧକ ବିଷୟରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ଅଧ୍ୟାପିକା ଅର୍ଜନ୍ତା ଦାସ ଅତିଥି ପରିଚୟ ଦେଇଥିବାବେଳେ ବିଭାଗର ଅଧ୍ୟାପିକା ଡ. ତୃପ୍ତି ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ । ଦେବାଶିଷ ମହାନ୍ତି, ଡ. ଅରୁଣ କୁମାର ଦାସ, ଡ. ହରପ୍ରିୟା ଦାସ, ସସ୍ମିତା ତ୍ରିପାଠୀ, ସ୍ୱର୍ଣ୍ଣପ୍ରଭା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ଅନିଶା ନାୟକ ଧନ୍ୟବାଦ ଦେଇଥିଲେ ।